
# ପିଲାଙ୍କ ଧରିତ୍ରୀ



# ପାଣିରେ ମଜା

ଟୋଲୁ ଅତ୍ୟନ୍ତ ସୁନ୍ଦର ଏବଂ ଗେହ୍ଲା ଛୋଟିଆ ହାତୀଟି। ଅତି ଆନନ୍ଦରେ ସେ ମା'ବାପା ଏବଂ ସମ୍ପର୍କୀୟଙ୍କ ସହିତ ଖୁସିରେ ରହୁଥିଲା। ମା'ଙ୍କର ସବୁ କଥା ମାନୁଥିଲା। ତା'ର ଗୋଟିଏ ଖରାପ ଅଭ୍ୟାସ ଥିଲା, ସେ ପାଣିକୁ ଦେଖିଲେ ଭୟ କରୁଥିଲା। ସେ ଭାବୁଥିଲା, ପାଣିକୁ ଗଲା ମାତ୍ରକେ ନିଶ୍ଚିତ ପାଣିରେ ମିଳେଇ ଯିବ। ମା' ତାକୁ ଯେତେ ବୁଝାଇଲେ ସେ ବୁଝିବାକୁ ନାରାଜ। ତା'ର ଭୟ ଦୂର ହେଉ ନ ଥାଏ।

ଏବର୍ଷ ତାପମାତ୍ରା ବହୁତ ଅଧିକ ହୋଇଥିବାରୁ ପ୍ରବଳ ଗରମ ହେଉଛି। ଆନନ୍ଦବନର ପ୍ରାଣୀମାନେ ମଧ୍ୟ ଗରମ ଯୋଗୁ ଅସ୍ତବ୍ୟସ୍ତ ହୋଇ ପଡ଼ିଲେଣି। ଜୀବଜନ୍ତୁଙ୍କ ଅବସ୍ଥା ଦେଖି ଆନନ୍ଦବନର ଘଞ୍ଚ ବୃକ୍ଷରାଜିରେ ରାଜା ସିଂହ ଏକ ସୁନ୍ଦର ପୋଖରୀ ନିର୍ମାଣ କଲେ। ସମସ୍ତ ପ୍ରାଣୀ ସେଠି ଆନନ୍ଦରେ ସ୍ନାନ କରି ଅତ୍ୟଧିକ ଗରମରୁ କିଛି ମାତ୍ରାରେ ଆରାମ ପାଇପାରିଲେ। ଟୋଲୁର ମା'ବାପା ମଧ୍ୟ ପ୍ରତିଦିନ ସେଠାକୁ ଆସି ପାଣିରେ ବୁଡ଼ନ୍ତି। ଟୋଲୁକୁ ତା' ମା' ବହୁତ ଡାକିଲେ, ସାଥୀମାନେ ମଧ୍ୟ ଡାକିଲେ। ହେଲେ ଟୋଲୁ ଭୟରେ ପାଣି ଭିତରକୁ ଯାଏନି। ଜେବ୍ରା ତାକୁ ବୁଝାଉଥିଲା, ପୁଅ ! ଯଦି ତୁମେ ଗାଧୋଇବ ନାହିଁ, ତେବେ ତୁମର ଗରମରେ ଘିମିରି ହେବ। ସମସ୍ତେ ତୁମକୁ ଅପରିଷ୍କାର ପିଲା ବୋଲି କହିବେ। କିନ୍ତୁ ଟୋଲୁ ଉପରେ କୌଣସି ପ୍ରଭାବ ପଡୁ ନ ଥିଲା। ଦିନେ ଖରାବେଳେ ସମସ୍ତ ପ୍ରାଣୀ ପୋଖରୀରେ ଗାଧୋଇବାର ମଜା ନେଉଥିଲେ। ସବୁଦିନ ଭଳି ଟୋଲୁ ଗଛ ଛାଇରେ ବସିଥାଏ। ହଠାତ୍ ପିଠିରେ ଏକ ତୀକ୍ଷ୍ଣ ଚିହ୍ନ ଅନୁଭବ କଲା। ସେ ଯନ୍ତ୍ରଣାରେ ଚିତ୍କାର କଲା। ପଛକୁ ଚାହିଁ ଦେଖିଲା ଜଳହସ୍ତୀ। ସେ ଘାସ ଉପରେ ବିଶ୍ରାମ ନେଉଥିବା ବେଳେ ଟୋଲୁ ଉପରେ ପାଦ ପଡ଼ିଯାଇଥିଲା। ଜଳହସ୍ତୀକୁ ଦେଖି ଟୋଲୁ ବହୁତ ଡରିଯାଇଥିଲା। ତେଣୁ ଭୟଭୀତ ହୋଇ ଦୌଡ଼ିବାକୁ ଲାଗିଲା। 'ଓହ... ଭୟ କର ନାହିଁ। ମୁଁ ତୁମର କିଛି କରିବି ନାହିଁ' ଏହା କହି ଜଳହସ୍ତୀ ତା' ପଛରେ ଦୌଡ଼ିଲା। ଟୋଲୁ ଆହୁରି ଭୟଭୀତ ହୋଇ କିଛି ନ ଭାବି ସିଧା ପୋଖରୀ ଭିତରକୁ ଲମ୍ଫ ମାରିଲା। ପୋଖରୀରେ ତାକୁ ଦେଖି ସମସ୍ତେ ବହୁତ ଖୁସି ହୋଇଗଲେ। ସମସ୍ତେ ମିଶି ତା'ଉପରକୁ ପାଣି ପିଙ୍ଗିଲେ। ଥଣ୍ଡା ପାଣି ତାକୁ ଖୁବ ଭଲ ଲାଗିଲା। ସେ ଅନୁଭବ କଲା କି, ପାଣିରେ ମିଳେଇ ଯାଉନାହିଁ। ଖରାଦିନେ ଥଣ୍ଡା ପାଣି ବହୁତ ଆନନ୍ଦଦାୟକ। ସମସ୍ତେ ଏକାଠି ମିଶି ଗାଧୋଇ ପାଣିର ବହୁତ ମଜା ନେଲେ। ସନ୍ଧ୍ୟାରେ ଘରକୁ ଯାଇ ଟୋଲୁ କହିଲା – ମା' ଏବେ ମୁଁ ଜାଣିପାରିଛି କି ପ୍ରକୃତରେ ପାଣି ଆମ ପାଇଁ କେତେ ମୂଲ୍ୟବାନ। ସତରେ ଜଳ ହିଁ ଜୀବନ। ଆମର ଖିଆପିଆଠାରୁ ଆରମ୍ଭ କରି ଗାଧୁଆପାଧୁଆ ସବୁ ପାଇଁ ପାଣିର ଆବଶ୍ୟକତା ରହିଛି। ମା' ହସି ହସି କହିଲେ, ପ୍ରତିଦିନ ଗାଧୋଇଲେ ଶରୀର ସୁସ୍ଥ ସବଳ ଆଉ ନୀରୋଗ ରହିବ।



ଗପ

**– ଲଳିତ ମୋହନ ମିଶ୍ର**
ଅରବିନ୍ଦ ନଗର, ନୟାଗଡ଼
ମୋ: ୯୪୩୭୯୮୫୮୬୬

## ଖିଲି ଖିଲି ହସ

(ବାପା-ପୁଅ ମଧ୍ୟରେ କଥାବାର୍ତ୍ତା)
ବାପା: ତୁ କେମିତି ଫେଲ୍ ହୋଇଗଲୁ ?
ପୁଅ: ବାପା, ପ୍ରଶ୍ନ ଏମିତି ପଡ଼ିଥିଲା ଯେ ସେ ପ୍ରଶ୍ନକୁ ମୁଁ ଜାଣି ନଥିଲି।
ବାପା: ଆଚ୍ଛା, ତୁ କେମିତି ଉତ୍ତର ଲେଖିଥିଲୁ ?
ପୁଅ: ଏମିତି ଉତ୍ତର ଲେଖିଥିଲି ତାହାର ଉତ୍ତର ସାର୍ ବି ଜାଣି ନଥିବେ।

ବ୍ୟାଙ୍କ ମ୍ୟାନେଜର: ଏ କେମିତି ହସ୍ତାକ୍ଷର ?
ଚିଣ୍ଟୁ: ଏ ହସ୍ତାକ୍ଷର ମୋ ବୁଢ଼ୀମା'ର।
ବ୍ୟାଙ୍କ ମ୍ୟାନେଜର: ଏମିତି ଅଜବ ହସ୍ତାକ୍ଷର, ତାଙ୍କର ନାଁ କ'ଣ ?
ଚିଣ୍ଟୁ: ତାଙ୍କର ନାମ ଜଲେବି ବାଈ।

(ରାଜୁ ବିଜୁ ମଧ୍ୟରେ କଥାବାର୍ତ୍ତା)
ରାଜୁ: ରାତିରେ ମଶା କାମୁଡ଼ିଲେ କ'ଣ କରାଯାଇପାରିବ ?
ବିଜୁ: ଆରେ ବହୁତ୍ ସିମ୍ପଲ, ଦେହକୁ କୁଣ୍ଡାଇ ଶୋଇଯିବାକୁ ହେବ।

## ମତାମତ

▶▶ ଏହି ପୃଷ୍ଠାରେ ପ୍ରତି ସପ୍ତାହରେ ପ୍ରକାଶ ପାଉଥିବା ଗପ ପଢ଼ି ସେଥିରୁ କିଛି ଭଲ କଥା ଜାଣିହେଉଛି।
**– ଲିପୁନ, ପୁପୁନ, ଯାଜପୁର**

▶▶ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ସୁନ୍ଦର ହୋଇଥିଲା।
**– ତନ୍ମୟା ପ୍ରିୟଦର୍ଶିନୀ, ଖୋର୍ଦ୍ଧା**

▶▶ 'ସାହସିକତା' ବିଷୟଟିକୁ ପଢ଼ିଲି। ଏହା ପିଲାମାନଙ୍କ ପାଇଁ ପ୍ରେରଣାଦାୟକ ହେବ।
**– ଅନନ୍ୟା ମହାନ୍ତି, କଟକ**

▶▶ 'କହିଲ ଦେଖି' ସ୍ତମ୍ଭର କଲେବର ବଢ଼ାଇବାକୁ ଅନୁରୋଧ।
**– ସୁନିତ କୁମାର ଦାସ, ସୁନାବେଡ଼ା,କୋରାପୁଟ**

## ରଙ୍ଗ ଦିଅ



# ହାତରେ ଖାଇବା

ଚାମଚରେ ଖାଇବା ବଦଳରେ ହାତରେ ଖାଇବା ଅଧିକ ସ୍ୱାସ୍ଥ୍ୟକର। ଏହା ଦ୍ୱାରା ବିଭିନ୍ନ ପ୍ରକାରର ଉପକାର ହୋଇଥାଏ। ଆୟୁର୍ବେଦ ଅନୁସାରେ ହାତରେ ଖାଇଲେ ଉଭୟ ହଜମ ପ୍ରକ୍ରିୟା ଓ ଇନ୍ଦ୍ରିୟ ପାଇଁ ବହୁତ ଭଲ। କାରଣ ହାତରେ ଥିବା ପ୍ରତ୍ୟେକ ଅଙ୍ଗୁଳି ଅଧିକ ସକ୍ରିୟ ହୋଇଥାଏ, ଯାହାର ଏକ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ତେଣୁ ଶରୀରରେ ଏକ ଉର୍ଜା ପ୍ରବାହିତ ହେବା ସହ ସନ୍ତୁଳନ ରକ୍ଷା ରହିଥାଏ।

ଏହା ବ୍ୟତୀତ ଖାଦ୍ୟକୁ ହାତରେ ଛୁଇଁବା ମାତ୍ରେ ମସ୍ତିଷ୍କକୁ ଏକ ଖବର ପହଞ୍ଚିଥାଏ ଓ ଏହାପରେ ସେଠାରୁ ପାଚନ ନିମନ୍ତେ ପେଟ ଏବଂ ଅନ୍ୟ ଅଙ୍ଗକୁ ମଧ୍ୟ ଖବର ପହଞ୍ଚିଥାଏ। କେବଳ ଆୟୁର୍ବେଦ ନୁହେଁ ଚିକିତ୍ସା ବିଜ୍ଞାନରେ ମଧ୍ୟ ହାତରେ ଖାଇବାର ଉପକାରିତା ସମ୍ପର୍କରେ କୁହାଯାଇଛି। ବିଜ୍ଞାନ ମତରେ ହାତରେ ଖାଇବା ଫଳରେ କିଛି ଉପକାରୀ ବ୍ୟାକ୍ଟେରିଆ ଶରୀରକୁ ଯାଇଥାଏ। ତେଣୁ ଖାଇବା ପୂର୍ବରୁ ଭଲ ଭାବେ ହାତ ଧୋଇବା ପାଇଁ ପରାମର୍ଶ ଦିଆଯାଏ। ହାତରେ ଖାଇବା ଫଳରେ ଖାଇବା ପ୍ରତି ଅଧିକ ଧ୍ୟାନ ରହିଥାଏ ଏବଂ ପାଚନ ଭଲ ହୋଇଥାଏ ବୋଲି ସାଧାରଣରେ କୁହାଯାଏ।



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଖେଳରୁ ଶିକ୍ଷା

**ଖେଳ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ବୁଦ୍ଧି, ବିଚାର, କାର୍ଯ୍ୟକୁଶଳତା ଓ ଶାରୀରିକ ଦକ୍ଷତାର ଏକ ଅଦ୍ଭୁତ ସଙ୍ଗମ। ପିଲାଙ୍କ ପାଇଁ ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏହି ମାଧ୍ୟମରେ ପିଲାଙ୍କୁ ଅନେକ କିଛି ଶିକ୍ଷା ମିଳିଥାଏ। ତେଣୁ ଖେଳକୁଦ ପିଲାଙ୍କ ଜୀବନ ଶୈଳୀର ଏକ ଅନିବାର୍ଯ୍ୟ ଅଙ୍ଗଭଳି।**



ପିଲାଙ୍କ ପାଇଁ ଖେଳର ଆକର୍ଷଣ ସ୍ୱତନ୍ତ୍ର। ଖେଳ ଦ୍ୱାରା ହିଁ ସେମାନଙ୍କ ମନରେ ନୂତନ ଶକ୍ତି ସଞ୍ଚାର ହୋଇଥାଏ। ତେବେ ଖେଳ କେବଳ ମଜାମସ୍ତି ପାଇଁ ଯେ ଆବଶ୍ୟକ ତା' ନୁହେଁ ଖେଳ ମାଧ୍ୟମରେ ପିଲାମାନେ ଜୀବନର ଶିକ୍ଷା ବି ପାଇଥାନ୍ତି। ବିଭିନ୍ନ ପ୍ରକାର ଖେଳ ମାଧ୍ୟମରେ ପିଲାମାନେ ମନ ଖୁସି କରିଥାନ୍ତି। ଆଉଟଡୋର୍ ଗେମ୍ ହେଉ ଅବା ଇନ୍‌ଡୋର୍ ଗେମ୍ ସବୁପ୍ରକାରର ଖେଳ ପିଲାଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଜରୁରୀ। ଖେଳ ମାଧ୍ୟମରେ ମାନସିକ, ଶାରୀରିକ ତଥା ବୌଦ୍ଧିକ ବିକାଶ ସହଜରେ ହୋଇଥାଏ। ବଡ କଥା ହେଉଛି ଏହି ଖେଳ ମାଧ୍ୟମରେ ପିଲାମାନେ ଅନେକ କିଛି ଶିଖିବାର ବି ସୁଯୋଗ ପାଇଥାନ୍ତି ଯାହା ସେମାନଙ୍କୁ ଜୀବନରେ ଆଗକୁ ବଢିବାରେ ସହାୟକ ହୋଇଥାଏ। ତେବେ ଖେଳ ମାଧ୍ୟମରେ କେଉଁ ସବୁ ବିଷୟରେ ଶିକ୍ଷା ପାଇପାରିବେ ଜାଣି ରଖନ୍ତୁ।

## ଦଳଗତ ଏକତା

ବିଭିନ୍ନ ପ୍ରକାର ଖେଳ ଅଛି ଯେଉଁଠି ଜିତିବାକୁ ହେଲେ ଟିମ୍ ଉପରେ ନିର୍ଭର କରିବାକୁ ହୁଏ। ତେଣୁ ନିଜ ଟିମ୍‌ରେ ଥିବା ସବୁ ଖେଳାଳିଙ୍କ ସହିତ ଏକ ସୁନ୍ଦର ସମ୍ପର୍କ ରଖିବାକୁ ହେବ। ସମସ୍ତଙ୍କ ସହ ବିଚାରବିମର୍ଶ କରି ସଫଳ ହେବା ପାଇଁ ଯୋଜନା ମଧ୍ୟ କରିବାକୁ ହୁଏ। ତେଣୁ ଖେଳିବା ଦ୍ୱାରା ପିଲାମାନେ ଦଳଗତ ଏକତା ସମ୍ପର୍କରେ ଶିକ୍ଷା କରିପାରିବେ। ଏହା ସହିତ ଟିମ୍‌ରେ ରହି ସାଙ୍ଗମାନଙ୍କ ସହିତ କିପରି ଭଲ ସମ୍ପର୍କ ରଖିବାକୁ ହେବ ସେକଥା ମଧ୍ୟ ଜାଣିପାରିବେ। ଏକାଠି ରହିବାର ଏହି ଭାବନା ସେମାନଙ୍କୁ ଭବିଷ୍ୟତରେ ନିଜ ଜୀବନ ଗଠନରେ ବି ଶିକ୍ଷା ଦେଇପାରିବ।

## ପରିଶ୍ରମ ଓ ଚେଷ୍ଟା

ଜୀବନରେ ସବୁକିଛି ସହଜରେ ମିଳି ନ ଥାଏ। ପ୍ରତ୍ୟେକ କାମରେ ସଫଳତା ପାଇବାକୁ ହେଲେ ପରିଶ୍ରମ କରିବା ଜରୁରୀ। ଏକଥା ମଧ୍ୟ ଖେଳ ମାଧ୍ୟମରେ ଶିଖିବାକୁ ମିଳିଥାଏ। କାରଣ ଖେଳରେ ଜିତିବା ପାଇଁ ହେଲେ ସମସ୍ତଙ୍କୁ ପରିଶ୍ରମ କରିବାକୁ ପଡେ। କିଭଳି କୌଶଳ ଆପଣାଇବାକୁ ହେବ ସେନେଇ ବିଚାର କରିବାକୁ ହୁଏ। ତେଣୁ ଖେଳ ମାଧ୍ୟମରେ ପିଲାମାନେ ନିରନ୍ତର ଚେଷ୍ଟା କରିବା ଶିଖିଥାନ୍ତି।

## ହାରିବାରୁ ପ୍ରେରଣା

ଖେଳରେ ହାରିବା ଜିତିବା ଲାଗି ରହିଥାଏ। କିନ୍ତୁ ଜିତିବା ବଦଳରେ ହାରିବା ଅଧିକ ମହତ୍ତ୍ୱ ରଖେ। କାରଣ ହାରିବାକୁ ମଧ୍ୟ ସେହିଭଳି ସକାରାତ୍ମକ ଢଙ୍ଗରେ ଗ୍ରହଣ କରିବାକୁ ହେବ। ନଚେତ୍ ଖେଳର ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇ ନ ଥାଏ। ହାରିବା ପରେ ଶିଖିବାକୁ ମିଳେ। ଆତ୍ମସମୀକ୍ଷା କଲେ ଜଣା ପଡେ ଯେ କେଉଁ ସ୍ଥାନରେ କ'ଣ ସବୁ ଭୁଲ ହେଲା ଏବଂ କ'ଣ କରିଥିଲେ ସଫଳତା ମିଳିପାରିଥାନ୍ତା।

## ଆତ୍ମସଚେତନତା

ଖେଳରେ ପିଲାମାନେ ଦକ୍ଷତା ପ୍ରଦର୍ଶନ କରିବା ସହିତ ନିଜ ଦୁର୍ବଳତାକୁ ବି ଅନୁଭବ କରିବାର ସୁଯୋଗ ମିଳିଥାଏ। ତେଣୁ ପିଲାମାନେ ଏହି ଦୃଷ୍ଟିରୁ ସଚେତନ ହୋଇପାରନ୍ତି। ଆତ୍ମଶକ୍ତି ଓ ସାମର୍ଥ୍ୟକୁ ବୃଦ୍ଧି କରିବାର ସୁଯୋଗ ପାଇଥାନ୍ତି। ଅନ୍ୟ କାହାର ସାହାଯ୍ୟ ସମର୍ଥନ ମାଗିବା ପୂର୍ବରୁ ନିଜର ସାମର୍ଥ୍ୟକୁ ପ୍ରୟୋଗ କରନ୍ତି। ଖେଳ ମାଧ୍ୟମରେ ଏହି ଶିକ୍ଷା ପିଲାଙ୍କ ପାଇଁ ଜୀବନର ପ୍ରତି କ୍ଷେତ୍ରରେ ପ୍ରୟୋଗ କରିବାର ସୁଯୋଗ ଦେଇଥାଏ।

## ରିସ୍କ ନେବା

ଖେଳରେ ବିଭିନ୍ନ ସମୟରେ ରିସ୍କ ନେଇ ଖେଳିବାକୁ ହୁଏ। ଜିତିବା ପାଇଁ ହେଲେ ଖେଳର ଅବଧି ମଧ୍ୟରେ ବେଳେବେଳେ ବିଭିନ୍ନ ପ୍ରକାରର ରିସ୍କ ନେବାର ଆହ୍ୱାନ ଆସେ। ସେହିଭଳି ଜୀବନରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିବାକୁ ହେଲେ ରିସ୍କ ନେବା ଦରକାର। ବେଳେବେଳେ ସବୁକ୍ଷେତ୍ରରେ ରହିଥିବା ସୀମା ବାହାରେ ବି କିଛି କରିବାକୁ ହୁଏ। ତାହା ହୁଏତ ନୈତିକ ଦୃଷ୍ଟିରୁ ହେଉ ଅବା ଆବଶ୍ୟକତା ହୋଇପାରେ। ତେଣୁ ଏହି ଶିକ୍ଷା ବି ଦେଇଥାଏ ଖେଳ।

## ଚ୍ୟାଲେଞ୍ଜକୁ ସାମ୍ନା କରିବା

ବିଭିନ୍ନ ପ୍ରକାର ଖେଳରେ ଭିନ୍ନ ଭିନ୍ନ ସମୟରେ ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ପଡିଥାଏ। ପରିଣାମ ଯାହା ବି ହେଉ କେବେ ହାର୍ ମାନିବା ନାହିଁ। ଖେଳାଳିମାନଙ୍କୁ ସବୁବେଳେ ଏହି ଶିକ୍ଷା ଦିଆଯାଏ। ତେଣୁ ଖେଳ ହିଁ ପିଲାଙ୍କୁ ପ୍ରତି ମୁହୂର୍ତ୍ତରେ ଚ୍ୟାଲେଞ୍ଜ ନେବା ଶିଖାଇଥାଏ ଯାହା ଜୀବନର ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରିବାର ଶିକ୍ଷା ଦେଇଥାଏ।





## ଏମାନେ କ'ଣ କରନ୍ତି

### ସବୁଦିନ ଖେଳିବାକୁ ଯାଏ



ସବୁଦିନ ଖେଳିବାକୁ ଯାଏ। ଆମ ଘର ଆଗରେ ଖେଳିବା ପାଇଁ ଅଧିକ ସ୍ଥାନ ନ ଥିବାରୁ ଘର ଠାରୁ ଟିକେ ଦୂରକୁ ଯାଇ ଖେଳେ। ସେଠିକୁ ସମସ୍ତେ ଆସନ୍ତି, ଏକାଠି ହୋଇ ବିଭିନ୍ନ ପ୍ରକାର ଖେଳ ଖେଳୁ। ଏବେ ପ୍ରାୟ ସବୁବେଳେ ଆମେ କ୍ରିକେଟ୍ ଖେଳୁଛୁ। ଅବଶ୍ୟ ସ୍କୁଲ ଛୁଟି ଅଛି ବୋଲି ଘରେ ବେଳେବେଳେ କ୍ୟାରମ୍ ଆଉ ଚେସ୍ ଖେଳୁଛି। କିନ୍ତୁ ଅପରାହ୍ନରେ ବାହାରକୁ ଯାଇ ଖେଳିବା ପାଇଁ ମାମା କୁହେ।

**-ଆୟୁଷ୍ମାନ୍ ମହାନ୍ତି**
କ୍ଲାସ-୬, ଷ୍ଟିୱାର୍ଟ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

### ଅଳ୍ପ ସମୟ ଖେଳୁଛି



ଖେଳିବା ପାଇଁ ଏଠି ଘର ପାଖରେ ଆମର ସୁବିଧା ନାହିଁ। ସେଥିପାଇଁ ପ୍ରତିବର୍ଷ ସମର କ୍ୟାମ୍ପକୁ ଯାଏ। ସେଇଠି ବିଭିନ୍ନ ପ୍ରକାର ଖେଳ ଶିଖିବା ସହିତ ପ୍ରାକ୍ଟିସ୍ କରେ। ସମସ୍ତଙ୍କ ସହ ଏକାଠି ସେଠି ଖେଳିବାକୁ ଭଲ ଲାଗେ। ଏଥର ସମର କ୍ୟାମ୍ପ ଯାଇନି, କିନ୍ତୁ ଗାଁକୁ ଯାଇ ଅଳ୍ପଦିନ ବୁଲାବୁଲି କରି ଆସିବି। ଏବର୍ଷ ପରୀକ୍ଷା ପାଇଁ ଅଧିକ ପ୍ରସ୍ତୁତି ଦରକାର ଥିବାରୁ ଅଳ୍ପ ସମୟ ଖେଳିବାକୁ ଯାଉଛି। କିନ୍ତୁ ସବୁଦିନ କିଛି ସମୟ ଖେଳାବୁଲା ନ କଲେ ଆଦୌ ଭଲ ଲାଗେନି। ସେଥିପାଇଁ ପଡିଶାଘରେ ସାଙ୍ଗମାନଙ୍କ ସହ କିଛି ସମୟ କଟାଏ। **-ରୋଜାଲିନ୍ ସାହୁ**
କ୍ଲାସ-୧୦, ଭାରତୀ ବିଦ୍ୟାମନ୍ଦିର, କେନ୍ଦ୍ରାପଡା



୧

ଦୀପ୍ତିମୟୀ ମାଝୀ
କ୍ଲାସ- ୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପଡା, ବଲାଙ୍ଗୀର



୨

ଶୁଭଶ୍ରୀ ବେହେରା
କ୍ଲାସ- ୯, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୪, ଭୁବନେଶ୍ୱର



୩

ସାଇ ନମ୍ରତା ମହାପାତ୍ର
କ୍ଲାସ- ୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିମାପଡା



୪

ଶିବାଂଶୀ ଦାଶ
କ୍ଲାସ- ୧, ସେଣ୍ଟ ଯୋଶେଫ ଗାର୍ଲସ ହାଇସ୍କୁଲ, କଟକ



୫

ସୁଦୀକ୍ଷା ମିଶ୍ର
କ୍ଲାସ- ୧, ମିଶନ ସ୍କୁଲ, ଜଟଣୀ, ଖୋର୍ଦ୍ଧା



୬

ଦିବ୍ୟାଶ୍ରୀ ଦେବାର୍ଚ୍ଚନା
କ୍ଲାସ- ୧୦, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର



୭

ସୋମ ଆଶୀର୍ବାଦ ତ୍ରିପାଠୀ
କ୍ଲାସ-୬, ଫ୍ୟୁଚର ଭୁବନେଶ୍ୱର ସ୍କୁଲ, ଭୁବନେଶ୍ୱର



୮

ଦେବସ୍ମିତା ରାଉତ
କ୍ଲାସ- ୫, ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ, ମଙ୍ଗଳପୁର, ଯାଜପୁର



୧



୨



୩



୪



୫




୬



୭



୮



## ସବୁଆଡ଼େ ଖରା

ଛାଇ ଟିକେ ପାଇଁ ମନ ହାଇଁପାଇଁ
ସବୁଆଡ଼େ ଖାଲି ଖରା
ଖରାର ଦାଉରେ ସରବେ ବିକଳ
ଜ୍ୱରରେ ଥରଇ ଧରା।
ବଡ଼ ବଡ଼ ଗଛ ଥିଲା ରାସ୍ତା କଡ଼େ
ହୋଇ ଯାଇଅଛି ହଣା
ଛାଇ ଟିକେ ଏବେ ପାଏନା ବାଟୋଇ
ହୁଏ ତା'ର ବୁଦ୍ଧି ବଣା।
ଏସି କୁଲର ଫ୍ୟାନ୍ ଥାଇ ବି
ଥମୁନି ଗରମ ଦାଉ
ତାତିରେ କେତେକ ବିରକ୍ତ ହୋଇଣ
ହୁଅନ୍ତି ଯେ କଲବଲ।

**–ଜୟନ୍ତ କୁମାର ମଲ୍ଲିକ୍**
ଶୁରଡିହ, ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ତଥାଗତ ବୁଦ୍ଧ

ସତ୍ୟର ସନ୍ଧାନେ ରାଜପଦ ଆଉ
ଘର ଛାଡିଥିଲେ ଯିଏ,
ସେ ପରା ସିଦ୍ଧାର୍ଥ ପରେ ତଥାଗତ
ବୁଦ୍ଧ ହୋଇଗଲେ ସିଏ।
ରାଜା ଶୁଦ୍ଧୋଦନ ରାଣୀ ମାୟାଦେବୀ
ଥିଲେ ତାଙ୍କ ତାତ ମାତ,
ଘରଦ୍ୱାର ଛାଡି ବୋଧଗୟା ଠାରେ
ହୋଇଥିଲେ ଧ୍ୟାନରତ।
କଠିନ ସାଧନା କରି ଦିବାନିଶି
ନିର୍ବାଣ ହେଲେ ପ୍ରାପତ,
କାମନାହିଁ ସବୁ ଦୁଃଖର କାରଣ
କରିଥିଲେ ସେ ପ୍ରଚାର।
ଜୀବେ ଦୟା ଆଉ କରୁଣାର ଥିଲେ
ସିଏ ପରା ପ୍ରବର୍ତ୍ତକ,
ତାଙ୍କ ପ୍ରଚାରିତ ଧରମର ନାଆ
ହୋଇଗଲା ବୌଦ୍ଧ ଧର୍ମ।

**– ରାଜକିଶୋର ସ୍ୱାଇଁ**
ନୂଆବଜାର, କଟକ
ମୋ: ୯୪୩୭୪୪୨୦୪୧

# କ ବି ତା

## ସେଇଟି ମୋର ଘର

ଯେଉଁଠି ଅଛି ସରଗ ସୁଖ
ବହେ ଅମୃତ ଝର,
ଯେଉଁ ମାଟିରେ ଚନ୍ଦନ ବାସ
ସେଇଟି ମୋର ଘର।
ଯେଉଁଠି ଅଛି ମିଠା ମହକ
ଲାଗେନି କେହି ପର,
ସବୁରି ମନ ନାଚେ ଖୁସିରେ
ସେଇଟି ମୋର ଘର।
ଯେଉଁଠି ଅଛି ଭାବ–ପୀରତି
ନ ଥାଏ ଯହିଁ ଡର,
ଝଡେଟି ସଦା ଆଶିଷ–ଫୁଲ
ସେଇଟି ମୋର ଘର।
ଯେଉଁ ମାଟିରେ ଜନମି ମୁହିଁ
ତୋଳିଛି ଛୋଟ ଘର
ସେଇ ମାଟିକୁ ପ୍ରଣାମ କରେ
ଶହେ, ହଜାର ଥର।

**– ଶରତ କୁମାର ଦାସ**
ବଡବିଲ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

## ଝଡ଼

ଧୀର ନିରିମଳ ଜୀବନ ଆକାଶେ
ଆସେ ଯେବେ ଦିନେ ଝଡ
ହସ ଖୁସି ମିଶା ଗତି ମଣିଷର
ବଦଳାଇ ଦିଏ ମୋଡ଼।
ଭୂମିରେ ଲୋଟଇ ଆଶା ମହାଦ୍ରୁମ
ନାଶ ଯାଏ ତା'ର ମୂଳ
ଖଣ୍ଡ ଖଣ୍ଡ ହୋଇ ଗଡି ପଡେ ତଳେ
ଭରସା ରୂପକ ଡାଳ।
ଆଖି ପିଛୁଳାକେ ଛାରଖାର ହୁଏ
ସପନର ଫୁଲ ଫଳ
ନିର୍ଦ୍ଦୟ ବତାସ ମନେ ଭରେ କ୍ଳେଶ
ହ୍ରାସ କରେ ମନୋବଳ।
ଲୁହର ବରଷା ଝରେ ଅବିରତ
ଭାଙ୍ଗେ ଧୈର୍ଯ୍ୟ ବନ୍ଧବାଡ
ପ୍ରଖର ସ୍ରୋତରେ ମାଟିରେ ମିଶଇ
ଆସ୍ଥା ବିଶ୍ୱାସର ନୀଡ଼।
ବଡ ନିଦାରୁଣ କଠୋର ନିର୍ମମ
ଜାଣେନା ସେ ବେଳ କାଳ
କାଳର କରାଳ ରୂପରେ ଖେଳଇ
ଭାଗ୍ୟ ସହିତ ଖେଳ।

**– ସୁହଂସ ଭୋଇ**
ପହଣ୍ଡି, ବରଗଡ଼
ମୋ: ୯୪୩୭୫୨୨୪୫୫

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




### ୩ ସେକେଣ୍ଡରେ ଆଲ୍‌ଫାବେଟ୍

ଇଂରାଜୀ ଆଲ୍‌ଫାବେଟ୍‌ର ସବୁ ଅକ୍ଷରକୁ ଓଲଟା ଲେଖିବା ପାଇଁ କେବେ ପ୍ରୟାସ କରିଛନ୍ତି! ଏଭଳି ଲେଖିବା ପାଇଁ ହେଲେ କିଛି ମିନିଟ୍ ସମୟ ଲାଗିପାରେ। ମାତ୍ର ଏମିତି ଏକ କାମକୁ ମାତ୍ର ୩ ସେକେଣ୍ଡରେ ପୂରା କରିଛନ୍ତି ହାଇଦ୍ରାବାଦ ତେଲଙ୍ଗାନାର ଜଣେ ବ୍ୟକ୍ତି ଏସ୍.କେ. ଅସରଫ୍। ଇଂରାଜୀ ଆଲ୍‌ଫାବେଟ୍‌ର ସମସ୍ତ ଅକ୍ଷରକୁ ଓଲଟା କ୍ରମରେ ନିର୍ଭୁଲଭାବରେ ସେ ମାତ୍ର ୨.୮୮ ସେକେଣ୍ଡରେ ଲେଖି ପାରିଛନ୍ତି। ଅର୍ଥାତ୍ ମାତ୍ର ଆଖି ପିଛୁଳାକେ ସେ ଏସବୁ ଲେଖି ପାରିଛନ୍ତି। ତେବେ ଅସରଫ୍ ଲେଖିବା ପାଇଁ କମ୍ପ୍ୟୁଟର ଓ କି'ବୋର୍ଡର ସହାୟତା ନେଇଥିଲେ। ଆଉ ସବୁଠୁ ଶୀଘ୍ର ଲେଖିପାରିଥିବାରୁ ଏବେ ଗିନିଜ୍ ରେକର୍ଡରେ ତାଙ୍କ ନାଁ ସ୍ଥାନ ପାଇଛି। ଫେବୃଆରୀ ୫ ତାରିଖରେ ତାଙ୍କର ଏହି ସଫଳତାକୁ ଗିନିଜ୍ ରେକର୍ଡରେ ସ୍ଥାନ ମିଳିଛି।


## ଏଥରର



- ବୁଦ୍ଧଙ୍କ କଥିତ ଭାଷା କ'ଣ ଥିଲା ?
- ଭାରତର ମିଶାଇଲ୍ ଓମ୍ୟାନ୍ କିଏ ?
- ବିଶ୍ୱପ୍ରସିଦ୍ଧ ତାଜମହଲ ନିର୍ମାଣ ଲାଗି କେତେ ବର୍ଷ ଲାଗିଥିଲା ?
- ଅଲିମ୍ପିକ୍‌ରେ ସର୍ବପ୍ରଥମେ କେଉଁ ଭାରତୀୟ ମହିଳା ମେଡାଲ୍ ଜିତିଥିଲେ ?
- ଭାରତର ପ୍ରଥମ ଉଦ୍ଭିଦବିଜ୍ଞାନୀ, ଯିଏକି ଆଖୁରେ ଶର୍କରା ବୃଦ୍ଧି କରାଇ ପାରିଥିଲେ ତାଙ୍କ ନାମ ?

## ଗତଥରର ଉତ୍ତର

- ଅଙ୍ଗାରକାମ୍ଳ ଗ୍ୟାସ୍, ମିଥେନ୍, ନାଇଟ୍ରୋକ୍ସାଇଡ୍ ଓ ଏଫ୍–ଗ୍ୟାସ୍
- ଡେମିଟ୍ରି ମେଣ୍ଡେଲିଭ୍
- ଟଙ୍ଗଷ୍ଟନ୍
- ମେଘାଳୟର କ୍ରେମପୁରୀ
- ଡିସେମ୍ବର ୨୩ ତାରିଖ



## କହିଲ ଦେଖି



ସକଳ ସୃଷ୍ଟିର ଆଧାର ସିଏ
ଦିନମଣି ଦିନକର,
ପୂରୁବ ଦିଶାକୁ ଚାହିଁଦେଲେ ଥରେ
ଅନ୍ଧାର ହୁଅଇ ଦୂର,
ରାଗିଲେ ଜଳେ ସଂସାର
ଚାହିଁଦେଲେ ହସି ଇନ୍ଦ୍ରଧନୁ ଆସି
ଆକାଶେ ଦିଶେ ସୁନ୍ଦର।

ଉତ୍ତର : **ସୂର୍ଯ୍ୟ**



ମାମୁ ପରି ମାମୁ ଆମର ସିଏ
ଢାଳଇ ଜୋଛନା ଛାଇ
ରୁଷିଲେ ନ ଖାଇ ଡାକନ୍ତି ମାଆ ମୋ
ପାଖକୁ ଆସିବା ପାଇଁ,
ନାଚେ ତାକ ଧିନା ଧେଇ
ପୂନେଇ ରାତିରେ ଗୋଲଗାଲ ଦିଶେ
ଅମାବାସ୍ୟା ବେଳେ ନାହିଁ।

ଉତ୍ତର : **ଜହ୍ନ**




ମେଞ୍ଚା ମେଞ୍ଚା ଦୂର ଆକାଶେ ଥାଇ
ଦିଶୁଥାନ୍ତି ଝିଲିମିଲି
ଯେତେ ଗଣୁଥିଲେ ଗଣି ତ ହୁଏନି
ରାତିରେ ଆସନ୍ତି ଖାଲି,
ଦିନରେ କାହାନ୍ତି ବୋଲି
ପଚାରିଲେ ମାଆ ବୁଝେଇ ଦିଅନ୍ତି
ମାମୁ ସାଥେ ଗଲେ ଚାଲି।

ଉତ୍ତର : **ତାରା**

**– ରାହାସ କୁମାର ବେହେରା**
ବାଲ୍ୟମ୍ବା, ଭାପୁର, ଢେଙ୍କାନାଳ
ମୋ: ୯୪୩୮୧୧୪୩୬୮

# ବାଦଲର ଓଜନ

ନୀଳ ଆକାଶରେ ଭସା ବାଦଲ ବେଶ୍ ସୁନ୍ଦର ଦେଖାଯାଏ। ସାଧାରଣତଃ ଆଖିକୁ ତୁଳା ଭଳି ହାଲୁକା ଦେଖାଯାଉଥିବା ଏହି ବାଦଲର ଓଜନ କେତେ ହୋଇପାରେ ? ଏଭଳି ପ୍ରଶ୍ନ ନିଶ୍ଚୟ ମନରେ ଆସୁଥିବ। କିନ୍ତୁ ପ୍ରକୃତରେ ସେଗୁଡ଼ିକ ଓଜନିଆ। ଗୋଟିଏ ଗୋଟିଏ ବାଦଲର ଓଜନ ପାଖାପାଖି ୪,୫୦,୦୦୦ କି.ଗ୍ରା। ଥଣ୍ଡା ପବନ ସଂସ୍ପର୍ଶରେ ଆସିଲେ ଏହି ବାଦଲ ବର୍ଷା ଆକାରରେ ପୃଥିବୀପୃଷ୍ଠରେ ପଡ଼ିଥାଏ। ତେବେ ସୂର୍ଯ୍ୟଙ୍କର ଉତ୍ତପ୍ତ କିରଣରେ ଗରମ ହୋଇ ପାଣି ବାଷ୍ପ ଆକାରରେ ଉପରକୁ ଉଠିଯାଏ। ଉପରେ ସେଗୁଡ଼ିକ ଖଣ୍ଡ ଖଣ୍ଡ ବାଦଲ ଆକାରରେ ଭାସି ବୁଲନ୍ତି। ପୁଣି ବର୍ଷା ଆକାରରେ ତଳକୁ ଆସନ୍ତି। ଏହି ପ୍ରକ୍ରିୟାକୁ 'ଜଳଚକ୍ର' କୁହାଯାଇଥାଏ। ବେଳେବେଳେ ବାଦଲଫଟା ବର୍ଷା ବିଭୀଷିକା ସୃଷ୍ଟି କରେ। ଏହି ବର୍ଷା ଏତେ ଜୋର୍‌ରେ ହୋଇଥାଏ ଯେ, ପାଣିର ପ୍ରଖର ସ୍ରୋତରେ ଘରଦ୍ୱାର, ରାସ୍ତା ଭାସିଯାଏ। ଏହାଦ୍ୱାରା ଜନଜୀବନ ହାନି ହୋଇଥାଏ।



# ପକ୍ଷୀ ଶିକାର କରୁଥିବା ଗଛ

ଗଛ କ'ଣ କେବେ ଶିକାର କରିପାରେ ? ଏକଥା ଅନେକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିପାରେ। ହେଲେ ଏଭଳି କଥା ପଛରେ ଶତ ପ୍ରତିଶତ ସତ୍ୟତା ରହିଛି। ଏଭଳି ଏକ ଗଛ ରହିଛି, ଯାହା ପକ୍ଷୀ ଶିକାର କରିଥାଏ। ଏହି ଗଛକୁ 'ବାର୍ଡ କିଲର ଟ୍ରି' କୁହାଯାଏ। ଉକ୍ତ ବୃକ୍ଷଟିର ନାମ ପିସୋନିଆ । ଏହା ନିଜ ଶାଖାରେ ବସା ବାନ୍ଧିବାକୁ ପକ୍ଷୀମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ। ଯେତେବେଳେ ବସା ବାନ୍ଧିବା ଆଶାରେ ପକ୍ଷୀମାନେ ଉକ୍ତ ବୃକ୍ଷର ଶାଖାରେ ବସନ୍ତି, ସେତେବେଳେ ଏହି ଗଛର ଶାଖା ପ୍ରଶାଖାରେ ଥିବା ମଞ୍ଜି ସେମାନଙ୍କର ପାଦକୁ ମାଡ଼ିବସେ। ଖାସ୍ କଥା ହେଲା, ଏହି ମଞ୍ଜିରେ ଅଠା ଅଂଶ ରହିଛି। ତେଣୁ ଏହା ଉପରେ ବସିବା ଦ୍ୱାରା ପକ୍ଷୀମାନେ ସେଠାରୁ ଆଉ ମୁକୁଳି ପାରି ନ ଥା'ନ୍ତି। ଅତି କଷ୍ଟରେ ଏଭଳି ଅଠାଯୁକ୍ତ ମଞ୍ଜିରୁ ବାହାରିଗଲେ ମଧ୍ୟ କେତେକ ପକ୍ଷୀ ମୃତ୍ୟୁର ଶିକାର ହୋଇଥାଆନ୍ତି। ଏହି ସମୟରେ ଗଛ ତଳେ ଛକି ରହିଥିବା ଶିକାରୀ ସେମାନଙ୍କୁ ଶିକାର କରିଥାଏ। ବିଶେଷ ଭାବରେ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜରେ ଏଭଳି ଗଛ ବେଶୀ ଦେଖିବାକୁ ମିଳିଥାଏ। ଏହି ଗଛ ଦ୍ୱାରା ଆକର୍ଷିତ ହୋଇ ଅଧିକ ପରିମାଣରେ ସାମୁଦ୍ରିକ ପକ୍ଷୀ ପ୍ରାଣ ହରାଇଥାଆନ୍ତି।







# ଯିଏ ନିଜ ମୁଣ୍ଡକୁ ନିଜେ ଛିଣ୍ଡାଇଦିଏ...

ନିଜ ମୁଣ୍ଡକୁ କ'ଣ କେବେ କେହି ଛିଣ୍ଡାଇ ଦେଇପାରେ ? ଯଦି ଏପରି ହୁଏ, ତେବେ ତାହାର ମୃତ୍ୟୁ ସୁନିଶ୍ଚିତ। ପୃଥିବୀରେ ଏଭଳି ଏକ କୀଟ ରହିଛି, ଯିଏ ନିଜ ମୁଣ୍ଡକୁ ନିଜେ ଛିଣ୍ଡାଇଦିଏ। କେବଳ ସେତିକି ନୁହେଁ, ସେହି ଛିଣ୍ଡା ମୁଣ୍ଡ ସହ ସେ କିଛି ସମୟ ଖେଳିଥାଏ। ହଁ, ଏଭଳି କୀଟ କିଏ ଜାଣିଛ ? ମାଛି। ଆମେ ତ ଜାଣିଛେ ଏହି କୀଟ ଆମ ପାଇଁ କେତେ କ୍ଷତିକାରକ। କାରଣ ଏହା ହଇଜା ତଥା ପେଟ ସମ୍ବନ୍ଧୀୟ ରୋଗର ବାହକ ସାଜିଥାଏ। ତେବେ ମାଛି କାହିଁକି ନିଜ ମୁଣ୍ଡକୁ ନିଜେ ଛିଣ୍ଡାଇଦିଏ– ସେ ବିଷୟରେ ଅଧିକ ତଥ୍ୟ ଜାଣିବାକୁ ୧୯୩୩ରେ ଥୋମାସ ହଟ୍ ମୋର୍ଗାନ୍ ଗବେଷଣା କରିଥିଲେ। ତେବେ ମାଛି କାହିଁକି ଏଭଳି କରିଥାଏ ? ଏହାର ଆଗ ହାତ ଦୁଇଟିରେ ସେ କିଛି ନା କିଛି ଜିନିଷକୁ ଗଡ଼ାଇବାକୁ ଚେଷ୍ଟା କରେ। ଏହି ସମୟ ଭିତରେ ସେ ନିଜ ମୁଣ୍ଡକୁ ମଧ୍ୟ ବାଦ୍ ଦିଏନା। ନିଜର ଦୁଇ ହାତରେ ସେ ତାକୁ ଗୋଲାକାର ଆକାରରେ ଘୂରାଇଥାଏ। ଫଳରେ କିଛି ସମୟ ଭିତରେ ସେ ନିଜ ମୁଣ୍ଡକୁ ଯେ ଛିଣ୍ଡାଇଦିଏ– ସେକଥା ଜାଣିପାରେନା। ଏହାର କିଛି ସମୟ ପରେ ସେହି ମାଛି ମରିଯାଇଥାଏ।

# ଲମ୍ୱା କାର

ଆପଣ ଜାଣିଛନ୍ତି କି ଦୁନିଆର ସବୁଠାରୁ ଲମ୍ୱା କାରର ନାମ କ'ଣ ? ଏଥିରେ କେତେଜଣ ବସିପାରିବେ ? ଏହି ଲମ୍ୱା କାର୍‌ଟିର ନାମ ହେଉଛି ଆମେରିକାନ୍ ଡ୍ରିମ୍। ଏହି କାର୍‌ର ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡ ଅନ୍ତର୍ଭୁକ୍ତ ହୋଇଛି। ଉକ୍ତ କାର୍‌ର ଲମ୍ୱ ପାଖାପାଖି ୧୦୦ ଫୁଟ୍। ଏହି କାର୍‌ଟିକୁ ଜେ ଔରବେର୍ଗ ୧୯୮୬ରେ ଡିଜାଇନ୍ କରିବା ସହ ତିଆରି କରିଥିଲେ। ଏହି କାର୍‌ର ଅନ୍ୟତମ ବିଶେଷତ୍ୱ ହେଲା ଯେ ଲାମ୍ୱରଗିନି କାର୍‌କୁ ସବୁଠାରୁ ଲମ୍ୱା କାର୍ ହିସାବରେ ମାନ୍ୟତା ମିଳିଛି। ଏହି କାର୍‌ଟି ପାଖାପାଖି ୧୦ ବଖରା ଘର ସହିତ ସମାନ ହେବ। ଏହି କାର୍ ଆଗରେ ପଛରେ ମୋଟ ଆଠଟି ଇଞ୍ଜିନ୍ ରହିଛି। ଏହି କାର୍‌ରେ ପାଖାପାଖି ୭୦ଜଣ ବ୍ୟକ୍ତି ଆରାମରେ ବସିପାରିବେ। ଏହାବ୍ୟତୀତ ଏଥିରେ ସୁଇମିଂ ପୁଲ, ଗଲ୍ଫକୋର୍ସ, ବାଥଟବ୍, ଟିଭି, ଫ୍ରିଜ୍ ଏବଂ ଟେଲିଫୋନ୍‌ର ସୁବିଧା ରହିଛି। ସବୁଠାରୁ ଖାସ୍‌କଥା ହେଲା, ଏଥିରେ ମଧ୍ୟ ହେଲିପ୍ୟାଡ ରହିଛି, ଯାହାଫଳରେ ଏହା ଉପରେ ହେଲିକପ୍ଟର ସହଜରେ ଅବତରଣ କରିପାରିବ। ପୂର୍ବରୁ ଏହି କାର୍‌କୁ ଫିଲ୍ମ ଶୁଟିଂ ଲାଗି ବ୍ୟବହାର କରାଯାଉଥିଲା।

# ଆ ଇ ନା



ରୁଦ୍ରାଂଶ ଦାଶ
୮ ବର୍ଷ/ବାରିପଦା




କୁନାଲ ନାଥ
୭ ବର୍ଷ/କଟକ